


# ପାଠ – ୧୦
# କାହାକୁ ଫିଙ୍ଗି ଦିଆଯାଏ

## ଆମ ଖାଦ୍ୟ କେଉଁଠିକୁ ଯାଏ

### ୧. ଆମେ ଫିଙ୍ଗୁଥିବା ଅଂଶ

**କ.** ତୁମ କାର୍ଯ୍ୟ ପୁସ୍ତିକାର ପୃଷ୍ଠା ସଂଖ୍ୟା ୧୧୯ - ୧୨୧କୁ ପୁଣି ଥରେ ଲେଖ । ପ୍ରତ୍ୟେକ ଉଦ୍ଭିଦର କେଉ ଅଂଶକୁ ଆମେ ଖାଇ ନ ଥାଉଁ **?** ସେହି ଅଂଶକୁ ଆମେ କାହିଁକି ଖାଇ ନ ଥାଉଁ **?**

**ଖ.** ତୁମ ପାଠ୍ୟ ପୁସ୍ତକର ପୃଷ୍ଠା ସଂଖ୍ୟା ୭୬ - ୭୮ରେ ଦିଆଯାଇଥିବା ଚିତ୍ରଗୁଡ଼ିକରେ ଧାନକୁ ଅମଳ କରିବା**,** କାଣ୍ଡିବା**,** ପେଷିବା ଓ ଚିକ୍କଣ କରିବାର ଦର୍ଶାଯାଇଛି । ଏହିସବୁ ଅବସ୍ଥାରେ ଧାନଗଛର କେଉଁ କେଉଁ ଅଂଶକୁ ଫିଙ୍ଗି ଦିଆଯାଏ **?** ଆମେ ଫିଙ୍ଗୁ ଥିବା ଅଂଶ ମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ଆମ ଦରକାରି ତାହାକୁ ଖୋଜ । **(**କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୪୯**)**

**ଗ.** ଯେଉଁ ପ୍ରାଣୀମାନଙ୍କର ମାଂସକୁ ଆମେ ଖାଉଁ ତାର ଏକ ତାଲିକା ପ୍ରସ୍ତୁତ କର । ସେହି ପ୍ରାଣୀମାନଙ୍କର କେଉଁ ଅଂଶକୁ ଆମେ ଖାଇ ନ ଥାଉଁ **?** ଆମେ ସେହି ଅଂଶ ଗୁଡ଼ିକୁ କାହିଁକି ଖାଇ ନ ଥାଉଁ **?**


**ଘ.** ତୁମର ରୋଷେଇଗୃହରେ ଗୋଟିଏ ଦିନରେ କେତେ ଆବର୍ଜନା ବାହାରେ **?** ତାହା କେଉଁଠିକୁ ଯାଏ **?**


## ଚିନ୍ତାକର *!* ଚିନ୍ତାକର *!*

ଆମେ ଖାଦ୍ୟ ପ୍ରସ୍ତୁତି ସମୟରେ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବହୁତ ଅଂଶକୁ ଫୋପାଡ଼ି ଦେଉଁ । ଆମେ ଅନ୍ୟ ଉପାୟରେ ତାହାର ବ୍ୟବହାର କରି ପାରିବା କି **?** ତୁମେ ଅନୁମାନ କର ।

### ୨. ଆମର ଅପଚୟ ଖାଦ୍ୟ କିଏ ଖାଏ **?**


ଆମେ ଫୋପାଡ଼ି ଦେଉଥିବା ଖାଦ୍ୟକୁ ଖାଉଥିବା କେତେକ ପ୍ରାଣୀଙ୍କ ନାମ ଲେଖ । ବିଦ୍ୟାଳୟ ବଣଭୋଜି ଦିନ ମିନି ଓ ତାର ସାଙ୍ଗ କଦଳୀ ଖାଇଲେ । ସେମାନେ କଦଳୀ ଚୋପାକୁ ଏକ ବୁଦାରେ ପକାଇ ଦେଲେ । ଗୋଟିଏ ଛେଳି ସେହି ରାସ୍ତାରେ ଯାଉଥିଲା ଓ ଗୋଟିଏ ଚୋପାକୁ ଖାଇ ଦେଲା ।






ଅନ୍ୟ ଚୋପା ଗୁଡ଼ିକ ପଚିବାକୁ ଆରମ୍ଭ କଲା

ମାଛି, ଗୋବର ପୋକ, ପିମ୍ପୁଡ଼ି, ଗେଣ୍ଡା ଓ ଜିଆ ସେହି ପଚା ଚୋପାର କିଛି ଅଂଶକୁ ଖାଇଲେ



୩



କେତେ ସପ୍ତାହ ପରେ ସେହି ଚୋପା ଅଧିକ ପଚି ଗଲା

୪




କିଛି ମାସ ପରେ ସେହି ଚୋପା ସମ୍ପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଗଲା । ଏହାର ଅଂଶ ଗୁଡ଼ିକ ମାଟି ଓ ପବନରେ ମିଶି ଗଲା ।


ଏହା କିପରି ହେଲା ?(କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୦ )

## ୩. କୀଟାଣୁ କିପରି ଖାଦ୍ୟକୁ ପଚାଏ ?

ଫିମ୍ପି ଓ ବୀଜାଣୁ ଭଳି କୀଟାଣୁ ଆମ ଚତୁଃପାର୍ଶ୍□ରେ ପୁରି ରହିଛି । ପ୍ରତ୍ୟେକ ଖାଦ୍ୟ ଭିତରେ କିଛି କୀଟାଣୁ ଥାଏ । ଆମ ଚତୁଃପାର୍ଶ୍□ରେ ଥିବା ବାୟୁ, ପାଣି ଓ ମାଟିରେ କୀଟାଣୁ ଥାଏ । ଯେଉଁ ପ୍ରାଣୀଗୁଡ଼ିକ ଖାଦ୍ୟ ଖାଇବାକୁ ଆସନ୍ତି ସେମାନେ କିଛି କୀଟାଣୁ ଆଣନ୍ତି ।

କୀଟାଣୁ ଗୁଡ଼ିକ ଖାଦ୍ୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦିଅନ୍ତି । ସେମାନେ ଏହି ଖାଦ୍ୟ ଖାଇ ବଞ୍ଚନ୍ତି ଓ ବଢ଼ନ୍ତି । କମ୍ ସମୟ ମଧ୍ୟରେ କୀଟାଣୁ ଗୁଡ଼ିକ ବହୁ ଗୁଣିତ ହୋଇଥାନ୍ତି । କୀଟାଣୁ ଛାଡ଼ିଥିବା ମଇଳା ଓ ଗ୍ୟାସ୍ ଖାଦ୍ୟକୁ ପଚାଇ ଦିଏ ଓ ଦୁର୍ଗନ୍ଧ ସୃଷ୍ଟି ହୁଏ । କେତେ ସପ୍ତାହ ବା ମାସ ପରେ ଖାଦ୍ୟ ସମ୍ପୂର୍ଣ୍ଣ ଖଣ୍ଡ ବିଖଣ୍ଡିତ ହୁଏ । ଏହା କୁଆଡ଼େ ଯାଏ ?





କ. ଦୁଇଟି ପ୍ଲେଟ୍ ନିଅ ଓ ସେଥିରେ ଗୋଟିଏ ଲେଖାଏ ରୁଟି କିମ୍ବା କିଛି ରନ୍ଧା ଖାଦ୍ୟ ରଖ । ଗୋଟିଏ ପ୍ଲେଟ୍ କୁ ଢାଙ୍କି ଦିଅ ଓ ଅନ୍ୟ ପ୍ଲେଟ୍ କୁ ଖୋଲା ରଖ । ପ୍ରତ୍ୟେକ ଦଳ ନିଜର ପ୍ଲେଟ୍ କୁ ସୂର୍ଯ୍ୟ କିରଣରେ କୋଠରି ଭିତରେ କିମ୍ବା ରେଫ୍ରିଜିରେଟର ଭିତରେ ରଖ । କିଛି ଦିନ ଅବଲୋକନ କର । କୌଣସି ପ୍ରାଣୀ ସେହି ଖାଦ୍ୟକୁ ଖାଇଲା କି ? ସେହି ଖାଦ୍ୟର କୌଣସି ପ୍ରକାରର ପରିବର୍ତ୍ତନ ଘଟିଛି କି ? ଢାଙ୍କୁଣି ଦେଇ ରଖା ଯାଇଥିବା ପ୍ଲେଟ୍ ର ଖାଦ୍ୟ ଓ ଖୋଲା ରଖା ଯାଇଥିବା ପ୍ଲେଟ୍ ର ଖାଦ୍ୟ ମଧ୍ୟରେ କିଛି ତଫାତ ଅଛି କି ?

ସେହି ଖାଦ୍ୟ ଉପରେ କିଛି ବଢୁ ଥିବାର ଦେଖୁଛ କି ? ତୁମେ ଏହା ଉପରେ ଧୂସର, କଳା, ସବୁଜ ବା ହଳଦିଆ ରଙ୍ଗର ଦାଗ ଦେଖିପାରିବ । ଏହା ଏକ ପ୍ରକାରର ଫିମ୍ପି । ଏହି ଫିମ୍ପି ଖାଦ୍ୟକୁ ଧିରେ ଧିରେ ଭାଙ୍ଗିଥାଏ ଓ ଖାଇଥାଏ । ଫିମ୍ପିକୁ ତୁମେ ଏକ ଯବକାଚ ସାହାଯ୍ୟରେ ଦେଖ । କିଛି ଦୂରରୁ ଏହାକୁ ଶୁଙ୍ଘ


ଏହି ଖାଦ୍ୟ ଉପରେ ଅନେକ ଗୁଡ଼ିଏ ବୀଜାଣୁ ଓ କୀଟାଣୁ ରହିଅଛି । ଯାହାକୁ ତୁମେ ଦେଖି ପାରିବ ନାହିଁ ।

ତୁମେ ସେହି ଖାଦ୍ୟକୁ ଖାଇବା ଉଚିତ କି ? କାହିଁକି ଓ କାହିଁକି ନୁହେଁ ? କେତେ ମାସ ପରେ ସେହି ଖାଦ୍ୟ କିପରି ଦେଖାଯିବ ଅନୁମାନ କର । ( କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୦ - ୧୫୧ )

ଖ. ଗୋଟିଏ ଅଳିଆ ଡବାର ବାସ୍ନାକୁ ବର୍ଣ୍ଣନା କର । ସେହି ମଇଳା ଡବାରେ ରଖିବା ପୂର୍ବରୁ ଏଭଳି ବାସ୍ନା ଥିଲା କି ? ଏଭଳି ଦୁର୍ଗନ୍ଧ କିପରି ହେଲା?

ଯଦି ତୁମେ ତୁମର ଦାନ୍ତକୁ ବ୍ରସ ନ କର ତେବେ ତୁମର ପାଟି ଦୁର୍ଗନ୍ଧ ହୁଏ କି ? କାହିଁକି ହୁଏ ଅନୁମାନ କର ।


ଗ. ୪ ଟି କଦଳୀ ଚୋପା ନିଅ । ପ୍ରତ୍ୟେକକୁ ଓଦା ମାଟିରେ ପୋତ ଓ ଚିହ୍ନ ଦିଅ । ପ୍ରତି ସପ୍ତାହରେ ଗୋଟିଏ ଚୋପାକୁ ଖୋଲି ବାହାର କର ଓ ଅବଲୋକନ କର । ଚୋପାଟି ସମ୍ପୁର୍ଣ୍ଣ ପାଚିଗଲା ପରେ ତୁମେ ମାଟି ଭିତରେ କଣ ପାଇବ ? ଏହି ଚୋପାଟିକୁ ସମ୍ପୁର୍ଣ୍ଣ ପଚିଯାଇ ମାଟି ଓ




ବାୟୁରେ ମିଶି ଯିବା ପାଇଁ କେତେ ଦିନ ଲାଗିବ ଅନୁମାନ କର ।ଏହି ପଚା ଚୋପା ଯୋଗୁଁ ମାଟି ବ୍ୟବହାର ଉପଯୋଗୀ ହୋଇଥାଏ ।



ସେଗୁଡ଼ିକ ପୁଷ୍ଟିକର ଖାଦ୍ୟରେ ରୂପାନ୍ତରିତ ହୋଇ ଉଦ୍ଭିଦକୁ ବଢ଼ିବାରେ ସାହାଯ୍ୟକରେ । (କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୦ - ୧୫୧ )





**ଯତ୍ନବାନ ହୁଅ**


ପଚା ଖାଦ୍ୟକୁ ଧରିଲା ପରେ ଭଲ ଭାବରେ ହାତ ଧୁଅ । ଖାଦ୍ୟ ଉପରେ ବଢୁଥିବାବୀଜାଣୁ ତୁମକୁ ରୋଗୀଣା କରିପାରେ । ସେମାନଙ୍କ ମଧ୍ୟରୁ କିଛି ବିଷ ସୃଷ୍ଟି କରିଥାନ୍ତି ଯାହା ତୁମକୁ କ୍ଷତି ପହଞ୍ଚାଇ ପାରେ ।



୪. ବୀଜାଣୁ ... ଶୀଘ୍ର ବହୁଗୁଣିତ ହୋଇଥାଏ !

ରନ୍ଧା ଡାଲି ... ଘଟିଲା ଲକ୍ଷ୍ୟ କର ।

... ଖେଳି ହାତ ଧୋଇବା ଭୁଲି ଗଲା । ଡାଲିଟି କେତେ ଉଷୁମ ଅଛି ପରୀକ୍ଷା କରିବା ପାଇଁ ରନ୍ଧା ଡାଲିରେ ସେ ଗୋଟିଏ ଆଙ୍ଗୁଠି ବୁଡ଼ାଇଲା । ତାଙ୍କର କେବଳ ଗୋଟିଏ ମାତ୍ର ବୀଜାଣୁ ଅପୁ ହାତରୁ ଡାଲି ଭିତରକୁ ଗଲା ।



ଏହା ଉଷୁମ ଓ ଓଦା ଜାଗା ସହିତ ପ୍ରଚୁର ଖାଦ୍ୟ ପାଇଲା । ୧୦**am**
୨୦ ମିନିଟ ଭିତରେ ସେହି ବୀଜାଣୁଟି ବଢ଼ିଲା ଓ ଦୁଇଟି
ନୂଆ ବୀଜାଣୁରେ ବିଭାଜିତ ହେଲା ।

ଅନ୍ୟ ୨୦ ମିନିଟ ଭିତରେ ପ୍ରତ୍ୟେକ ବୀଜାଣ
ବଢ଼ିଲେ ଓ ପୁଣି ଦୁଇ ଦୁଇଟିରେ ବିଭାଜିତ ୧୦.୨୦ **am**
ହେଲେ । ପୂର୍ବାହ୍ନ ୧୦ ଟା ୪୦ ରେ କେତୋଟି
ବୀଜାଣୁ ଥିଲେ **?**

୧୦.୪୦ **am**

ପୂର୍ବାହ୍ନ ୧୧ ଟାରେ କେତୋଟି ବୀଜାଣୁ ଥିଲେ **?**

ଯଦି ବୀଜାଣୁ ଗୁଡ଼ିକ ଶୀଘ୍ର ଶୀଘ୍ର ଧାରାବାହିକ ଭାବରେ ବହୁଗୁଣିତ ହୋଇଥାନ୍ତି**,** ତେବେ ତୁମ କାର୍ଯ୍ୟ ପୁସ୍ତିକାର ପୃଷ୍ଠା ସଂଖ୍ୟା ୧୫୨ ର ସାରଣୀକୁ ପୂରଣ କର ଓ ତାକୁ ଦେଖାଅ ।

ଅପରାହ୍ନ ୨ ଟାରେ ମିନି ସେହି ଡାଲିରେ କିଛି ଫେଣ ଦେଖିବାକୁ ପାଇଲା । ସେହି ଫେଣ କେଉଁଠାରୁ ଆସିଲା **?** ଯଦି ମିନି ସେହି ଡାଲିକୁ ଖାଇଲା ତେବେ କଣ ହୋଇଥିବ **?**

ଅପୁ ଖେଳି ସାରି ଘରକୁ ଫେରିଲା ପରେ କଣ କରିବା ଉଚିତ ଥିଲା **?** ଡାଲିଟି ଉଷୁମ କିମ୍ବା ଥଣ୍ଡା ପରୀକ୍ଷା କରିବା ପାଇଁ ଅନ୍ୟ କୌଣସି ଭଲ ଉପାୟ ଅଛିକି **?**

ଚିନ୍ତାକର **!** ଚିନ୍ତାକର **!**

ଅପୁ କହିଲା **"**ମୁଁ ବୀଜାଣୁକୁ ପସନ୍ଦ କରେ ନାହିଁ । ସେଗୁଡ଼ିକ ମଇଳା ଓ ଦୁର୍ଗନ୍ଧଯୁକ୍ତ ଅଟନ୍ତି । ସେଗୁଡ଼ିକ ଆମକୁ ରୁଗୁଣ କରିଥାନ୍ତି ।**"**

ମିନି କହିଲା **"**ବୀଜାଣୁ ଗୁଡ଼ିକ ମଇଳା ନୁହନ୍ତି । ସେମାନେ ସବୁ ଜିନିଷକୁ ସଫା କରନ୍ତି । ସେଗୁଡ଼ିକ ମଇଳାକୁ ଖାଆନ୍ତି ଓ ଅତି ଛୋଟ ଛୋଟ ଖଣ୍ଡରେ ପରିଣତ କରନ୍ତି ଯାହା ମାଟିରେ ସହଜରେ ମିଶି ଯାଏ ଓ ଗଛକୁ
ବଢ଼ିବାରେ ସାହାଯ୍ୟ କରେ ।**"**



ତୁମେ କଣ ଭାବୁଛ ***?***


ବୀଜାଣୁ ଗୁଡ଼ିକୁ ନିଜ କାମ କରିବା ପାଇଁ ସମୟ ଲାଗିଥାଏ । ଯଦି ବହୁତ ଲୋକ ଗୋଟିଏ ଜାଗାରେ ନିଜର ଖାଦ୍ୟରୁ ବାହାରୁ ଥିବା ଅଳିଆକୁ ଫୋପାଡ଼ନ୍ତି, ତେବେ ସେହି ଖାଦ୍ୟ ଗୁଡ଼ିକ ସମ୍ପୁର୍ଣ୍ଣ ପଚିବା ପାଇଁ ବହୁତ ସମୟ ଲାଗିବ । ମାଛି, ଅସରପା ଓ ମୂଷା ସେହି ଖାଦ୍ୟକୁ ଖାଇବେ ଓ ନିଜର ବଂଶ ବିସ୍ତାର କରିବେ । ସେମାନେ ଚାରି ଆଡ଼େ ରୋଗ ବିସ୍ତାର କରିବେ ।
ଆମେ ଖାଦ୍ୟର ଆବର୍ଜନାକୁ କଣ କରିବା ଉଚିତ ? **(କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୩)**

## ୫. ଆମ ମଳରେ ବୀଜାଣୁ ଅଛନ୍ତି

ତୁମେ ମଳ ତ୍ୟାଗ କରି ସାରିଲା ପରେ ହାତକୁ ଭଲ ଭାବରେ ଧୋଇବା ଶିଖିଛ । ତୁମେ ଜାଣ ଯେ, ମଳ ସଂସ୍ପର୍ଶରେ ଖାଦ୍ୟ ଓ ପାଣି ଆସିବା ଉଚିତ ନୁହେଁ । ତୁମେ ଏବିଷୟରେ ସତର୍କ ହେବା ଆବଶ୍ୟକ କାହିଁକି ?
ମଳକୁ ମଇଳା ଭାବରେ ଗ୍ରହଣ କରାଯାଏ କାହିଁକି ? **(କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୩ - ୧୫୪)**
ଜଣେ ସୁସ୍ଥ ସବଳ ବ୍ୟକ୍ତି ଶରୀରରେ ୧୦୦,୦୦୦,୦୦୦,୦୦୦,୦୦୦ ବୀଜାଣୁ ଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକାଂଶ ଅନ୍ତ ବୁଜୁଲାରେ ରହନ୍ତି ଓ ସେଗୁଡ଼ିକ ଶରୀରର ଉପକାରୀ ଅଟନ୍ତି ।

ଚିନ୍ତାକର ! ଚିନ୍ତାକର !

ତୁମ ଅନ୍ତବୁଜୁଲାରେ ଗ୍ୟାସ ଥିବାର ତୁମେ କେବେ ଲକ୍ଷ୍ୟ କରିଛ କି ? ସେହି ଗ୍ୟାସ କେଉଁଠାରୁ ଆସେ ?



**ଯତ୍ନବାନ ହୁଅ**
**ଆମର ମଳରେ ଅନେକ ଗୁଡ଼ିଏ ବୀଜାଣୁ ଅଛନ୍ତି । ମଳରେ ବୀଜାଣୁ ଗୁଡ଼ିକ କମ୍ ସମୟ ମଧ୍ୟରେ ବହୁଗୁଣିତ ହୋଇଥାନ୍ତି । ମାଛିଗୁଡ଼ିକ ମଳରେ ବସନ୍ତି ଓ ବୀଜାଣୁ ଗୁଡ଼ିକ ଆଣି ଆମ ଖାଦ୍ୟରେ ଛାଡ଼ନ୍ତି । ଯଦି ଆମେ ସେହି ଖାଦ୍ୟକୁ ଖାଉଁ ତେବେ ଆମେ ରୋଗରେ ପଡ଼ି ପାରୁ ।**

**ଆମେ ଏକ ନିରାପଦ ସ୍ଥାନରେ ମଳ ତ୍ୟାଗ କରିବା ଉଚିତ ।**

ଓ ! ମୋର ପେଟ କାଟୁଛି । ମୁଁ ବହୁତ ବୀଜାଣୁ ଖାଇଦେଇଛି

Aaugh!

My stomach is hurting!

I abe too many bacteria!

## ୬. ଆମର ମଇଳା କେଉଁଠିକୁ ଯାଏ ?

କ. ତୁମେ ଯେଉଁ ସ୍ଥାନରେ ମଳ ତ୍ୟାଗକର, ସେହି ସ୍ଥାନ ବିଷୟରେ ଭାବ । ମଳ ଓ ମୁତ୍ର ପୂର୍ବରୁ ଯେଉଁଠି ଥିଲେ ସେଇଠି ରହନ୍ତି କି ? ତୁମେ ପ୍ରଚୁର ପରିମାଣର ଜଳ ବ୍ୟବହାର କର କି ? ତୁମର ମଇଳା କେଉଁ ସ୍ଥାନକୁ ଯାଏ ବୋଲି ତୁମେ ଭାବୁଛ ?

ଖ. ନିମ୍ନରେ ଥିବା ପାଇଖାନା ଗୁଡ଼ିକ ମଧ୍ୟରୁ କେଉଁ ପ୍ରକାର ପାଇଖାନା ଭଲ ? ପ୍ରତ୍ୟେକ ପାଇଖାନା ପାଇ ଏହି ପ୍ରଶ୍ନ ଗୁଡ଼ିକ ଭାବ ?
ମଳ ଓ ମୁତ୍ରର କଣ ହୁଏ ? ମଳର କିଛି ଅଂଶ ମଳ ତ୍ୟାଗ କରୁଥିବା ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୁଏ କି ?
ମଳ ତ୍ୟାଗ ପରେ ପାଇଖାନା ସଫା ରଖିବାକୁ କେତେ ପରିମାଣର ଜଳ ଆବଶ୍ୟକ ହୁଏ ?
ପାଇଖାନା ନିକଟରେ ମାଛି ଓ ଦୁର୍ଗନ୍ଧ ନ ହେଉ ବୋଲି ତୁମେ ଚାହଁ କି ? (କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୪)

### I) ଖୋଲା ସ୍ଥାନରେ ମଳ ତ୍ୟାଗ



ଏକ ଜନଶୂନ୍ୟ ପଡ଼ିଆ ବା ଜଙ୍ଗଲ ଖୋଲା ମଳ ତ୍ୟାଗ ପାଇଁ ଉପଯୁକ୍ତ ସ୍ଥାନ ଅଟେ ।


ଯତ୍ନବାନ ହୁଅ !
ପୋଖରୀ, ଝରଣା କିମ୍ବା କୂଅ ନିକଟରେ ମଳ ତ୍ୟାଗ କର ନାହିଁ । (କାହିଁକି)
ଲୋକମାନେ ବସବାସ କରୁଥିବା ସ୍ଥାନ ନିକଟରେ ମଳ ତ୍ୟାଗ କର ନାହିଁ । (କାହିଁକି)

ଯଦି ତୁମେ ଖୋଲାରେ ମଳ ତ୍ୟାଗ କର ତେବେ ମାଟିରେ ଘୋଡ଼ାଇ ଦିଅ । ଏହା ଦ୍□ାରା ମାଛି ଦୂରେଇ ଯିବ ଏବଂ ବୀଜାଣୁ ବ୍ୟାପିବ ନାହିଁ । ମାଟି ତଳେ ବୀଜାଣୁ ଧିରେ ଧିରେ ମଳକୁ ପଚାଇ ଦେବ ।
ମଳ ପଚିଯାଇ ମାଟିରେ ମିଶେ ଓ ପୁଷ୍ଟିକର ଖାଦ୍ୟରେ ପରିଣତ ହୋଇ ଗଛକୁ ବଢ଼ିବାରେ ସାହାଯ୍ୟ କରେ ।

ଚିନ୍ତାକର ! ଚିନ୍ତାକର !

ଯଦି ଅଳ୍ପ ଲୋକ ଖୋଲାରେ ମଳ ତ୍ୟାଗ କରନ୍ତି ମଇଳାକୁ ବାହାରକୁ ନେବାକୁ ଆବଶ୍ୟକ ହୁଏ ନାହିଁ । ଯଦି ବହୁ ଲୋକ ଗୋଟିଏ ଖୋଲା ସ୍ଥାନରେ ପ୍ରତିଦିନ ମଳ ତ୍ୟାଗ କରନ୍ତି, ତେବେ କଣ ହେବ ?

## II) ସେବା ପାଇଖାନା (Service latrine)



ଗୋଟିଏ ସେବା ପାଇଖାନାରୁ କିଏ ମଳକୁ ବାହାରକୁ ନେଇଥାଏ ?

ଏହାକୁ ସେ କେଉଁ ସ୍ଥାନକୁ ନେବ ବୋଲି ତୁମେ ଭାବୁଛ ?

ଏହାକୁ ସେ କଣ କରିବ ? ଏହି କାମଟି ବିପଦ ପୂର୍ଣ୍ଣ କି ? କାହିଁକି ?

କିଏ ଏପ୍ରକାର କାମ କରିବାକୁ ପସନ୍ଦ କରିବ ?


ସେବା ପାଇଖାନା ଅସ୍□ାସ୍ଥ୍ୟକର ବୋଲି ସରକାର କହିଛନ୍ତି ।ଯିଏ ମଳକୁ ସଫା କରନ୍ତି, ସେ ଏକ ଅମାନବିକ କାର୍ଯ୍ୟ କରିବାକୁପଡ଼ିଥାଏ ।
ସେହିଭଳି ପାଇଖାନା ଗ୍ରହଣଯୋଗ୍ୟ ନୁହେଁ । ତୁମେ କଣ ଭାବୁଛ ?

## III) ଖାଲ ପାଇଖାନା (Pit latrine)

ଖାଲ ବା ଗାଡ଼ ପାଇଖାନାରେ ମଳର କଣ ହୁଏ?

## IV) ମଳଶୋଧକ କୁଣ୍ଡ ପାଇଖାନା (Latrine with septic tank)

ମଳଶୋଧକ କୁଣ୍ଡ ପାଇଖାନା ଠାରୁ ମଳକୁ କିପରି ଦୂରକୁ ନିଆଯାଏ?
ଏହା କେଉଁ ସ୍ଥାନକୁ ଯାଏ ବୋଲି ତୁମେ ଭାବୁଛ ?
ଯଦି ମଇଳା ପାଣି (Sewage) ନଦୀ ଏବଂ ପୋଖରୀ ଜଳରେ ମିଶେ ତେବେ ସେହି ଜଳକୁ ପିଉଥିବା ଲୋକଙ୍କର କ୍ଷତି ହୋଇପାରେ ।
ଏହା ପ୍ରାଣି ଓ ଉଦ୍ଭିଦ ପାଇଁ ମଧ୍ୟ ବିଷ ଭଳି ହୋଇପାରେ ।





ଯଦି ପାଇଖାନାର ମଳସୁଡ଼ଙ୍ଗ (Sewers) ରୁ ମଳ ନଦୀ ଓ ଝରଣାରେ ମିଶେ ତେବେ ରୋଗ ବ୍ୟାପିଥାଏ ।

ନାଳ (Nullah)

ମଇଳାପାଣି (Sewage)

ମଳଶୋଧକ କୁଣ୍ଡ
(Septic tank)

## V) ଆକସ୍ମିକ ଜଳ ପ୍ରବାହ ଓ ମଳସୁଡ଼ଙ୍ଗ ପାଇଖାନା **(Flush toilets with sewers)**




ଅଧିକାଂଶ ଫ୍ଲସ୍ ଟଏଲେଟ୍ **(flush tiolet)** ରୁ ମଳ ବୃହଦାକାର ମଳସୁଡ଼ଙ୍ଗକୁ ଯାଇଥାଏ । ବଡ଼ ବଡ଼ ସହରରେ ଲକ୍ଷ ଲକ୍ଷ ଲୋକ ରହନ୍ତି । ଆମେ ସେମାନଙ୍କର ମଳକୁ କଣ କରିବା ଉଚିତ **? (**କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୬**)**

### ୭**.** ବୀଜାଣୁ ଆମ ମଳକୁ ପଚାଇବାରେ ସାହାଯ୍ୟ କରେ

ବୀଜାଣୁ ଖାଦ୍ୟରୁ ବାହାରୁଥିବା ଆବର୍ଜନାକୁ ପଚାଉ ଥିବା ଭଳି ଆମର ମଳକୁ ମଧ୍ୟ ପଚାଇ ଥାଏ । ସେମାନେ ମଳକୁ ଖଣ୍ଡ ଖଣ୍ଡ କରି ଭାଙ୍ଗନ୍ତି ଯାହା ମାଟିରେ ମିଶି ଯାଏ । ତାକୁ ଉଦ୍ଭିଦ ମାନେ ବ୍ୟବହାର କରନ୍ତି । ଆମେ ମଳକୁ ପଚିବା ପାଇଁ ସ୍ଥାନ ଓ ସମୟ ଦେବା ।

କିନ୍ତୁ ଆମେ ମଳର ବୀଜାଣୁକୁ ଚାରିଆଡ଼େ ବ୍ୟାପିବା**,** ପିଇବା ପାଣି ଓ ଖାଦ୍ୟକୁ ଯିବାଠାରୁ ଦୂରେଇ ରଖିବା । ନହେଲେ ଲୋକମାନେ ରୁଗୁଣ ହୋଇପାରନ୍ତି **।**

ବାହିତମଳ ଉପଚାର ଉଦ୍ଭିଦ **(Sewage treatment plant)** ମାଧ୍ୟମରେ ବହୁତ ଲୋକ ଆବର୍ଜନାର ପରିଚାଳନା କରୁଛନ୍ତି । ତୁମ ଅଞ୍ଚଳରେ ଥିବା ବାହିତମଳ ଉପଚାର ଉଦ୍ଭିଦକୁ ଖୋଜ ଓ ପରିଦର୍ଶନ କର ।

ତୁମ ଅଞ୍ଚଳରେ ମଳ ଓ ନର୍ଦମାର ପଚା ଜଳ ଲୋକ ତଥା ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଉଛି କି **? (**କାର୍ଯ୍ୟ ପୁସ୍ତିକା ପୃଷ୍ଠା ସଂଖ୍ୟା ୧୫୬**)**

ଚିନ୍ତାକର **!** ଚିନ୍ତାକର **!**
ଯଦି ତୁମର ମଳ ନ ପଚନ୍ତା**,** ତେବେ କଣ ହୁଅନ୍ତା **?**

### ଏହି ଶବ୍ଦ ଗୁଡ଼ିକୁ ଜାଣ

ଯିଏ ମଇଳା ପାଣି ଓ ମଳକୁ ଧାରଣ କରେ ତାକୁ ମଇଳାପାଣି **(sewage)** କୁହାଯାଏ ।
ଖାଲ ଓ ପାଇପକୁ ଧରିଥିବା ମଇଳାପାଣି **(Sewage)** କୁ ମଳସୁଡ଼ଙ୍ଗ **(Sewers)** କୁହାଯାଏ ।
ପଚିଯିବାର ଅର୍ଥ ଅତି କ୍ଷୁଦ୍ର କଣିକାରେ ଖଣ୍ଡ ବିଖଣ୍ଡିତ ହେବା ।

## ଅଭ୍ୟାସ କାର୍ଯ୍ୟ

### ନାମ କହ ଓ ଅଙ୍କନ କର

1. ଏକ ସତେଜ ପତ୍ର
2. ଏକ ପଚା ପତ୍ର

## କୌତୁହଳ ପ୍ରଶ୍ନ

1. ଯଦି ତରକାରି ଭଳି ତରଳ ଖାଦ୍ୟ ତୁମ ଚତୁଃପାର୍ଶ୍□ରେ ପଡ଼ିଥାଏ ତେବେ ତାହା ଦୂର୍ଗନ୍ଧ ହୁଏ ଓ ସେଥିରେ କିଛି ଫଟକା ମଧ୍ୟ ଦେଖିପାରିବ । ଏହାକୁ ବ୍ୟାଖ୍ୟା କରିବା ପାଇଁ ତୁମେ ବୀଜାଣୁ ବିଷୟରେ କଣ ଜାଣିଛ ମନେ ପକାଅ ?
2. କିଛି ଖାଦ୍ୟର ନାମ କହ ଯାହା ଅତିଶୀଘ୍ର ପଚିଯାଏ ଓ କିଛି ପଚିବାକୁ ବହୁଦିନ ନେଇଥାଏ ?
3. ଯଦି ତୁମେ ଅଟାକୁ ଖୋଲା ରଖିଦିଅ, ତେବେ ତାହା ପଚିଯାଏ । ଯଦି ତୁମେ ତାକୁ ଗୋଟିଏ ଡବାରେ ଘୋଡ଼େଇ ରଖ, ତେବେ ତାହା ବହୁତଦିନ ପର୍ଯ୍ୟନ୍ତ ଭଲ ରହିଥାଏ । କାହିଁକି ?
4. ଯଦି ତୁମେ କ୍ଷୀରକୁ ଥଣ୍ଡାରେ ରଖ, ତେବେ ତାହା ବହୁତ ସମୟ ପର୍ଯ୍ୟନ୍ତ ସତେଜ ରହେ । କାହିଁକି ?
5. ଯଦି ତୁମେ କିଛି ଖାଦ୍ୟକୁ ସୂର୍ଯ୍ୟ କିରଣରେ ଶୁଖାଇ ରଖ, ତେବେ ତାହା ନଷ୍ଟ ନ ହୋଇ ବହୁ ମାସ ବା ବର୍ଷ ପର୍ଯ୍ୟନ୍ତ ରହିଥାଏ । କାହିଁକି ?
6. ଖାଦ୍ୟ ନଷ୍ଟ ନ ହୋଇ ବହୁଦିନ ପର୍ଯ୍ୟନ୍ତ ରହିବା ପାଇଁ କରାଯାଉ ଥିବା ଉପାୟ ଗୁଡ଼ିକର ନାମ କହ ? ଯେପରି ଶସ୍ୟ, ଫଳ, ପନିପରିବା, ମାଛ ଓ ମାଂସକୁ ସଂରକ୍ଷିତ ରଖିବା ପାଇଁ ଅବଲମ୍ବନ କରାଯାଉ ଥିବା ବିଭିନ୍ନ ରାସ୍ତା ଗୁଡ଼ିକର ଉଦାହରଣ ଖୋଜ ।
7. କିଏ ଶୀଘ୍ର ପଚିବ ବୋଲି ଭାବୁଛ ।

   କ. ରୁଟି କିମ୍ବା କାଠ ?

   ଖ. ଶୁଖିଲା ରୁଟି କିମ୍ବା ଓଦା ରୁଟି ?

   ଗ. ଉଷୁମ ସ୍ଥାନର ରୁଟି କିମ୍ବା ଥଣ୍ଡା ସ୍ଥାନର ରୁଟି ?

   ଘ. ଗୋଟିଏ କଦଳୀ ଚୋପାକୁ ଫିଙ୍ଗି ଦେଲେ ବର୍ଷା ସମୟରେ, ଖରା ସମୟରେ, ଶୁଖିଲା ସମୟରେ ?

## ଶ୍ରେଣୀ ଗୃହ ଆଲୋଚନା

1. ଖାଦ୍ୟର ବଳକା ଅଂଶ ବ୍ୟତୀତ ମଇଳା ପାତ୍ରରେ ଅନ୍ୟ କେଉଁ ଜିନିଷ ପକାଅ ? ଯେଉଁ ଜିନିଷକୁ ବୀଜାଣୁ ପଚାଇ ପାରେ ନାହିଁ ଆମେ ସେହି ଜିନିଷକୁ କଣ କରିବା ?
2. ଚତୁଃପାର୍ଶ୍□ରେ ମଇଳା ପକାଇବା ବିପଦପୂର୍ଣ୍ଣ କାହିଁକି ? ଆମେ ସେହି ମଇଳାକୁ କଣ କରିପାରିବା ?

## ପଚାର ଓ ବାହାର କର

1. ମଇଳାକୁ ଖତରେ ପରିଣତ ହେବା ପାଇଁ ଜିଆ କିପରି ସାହାଯ୍ୟ କରେ ?
2. ତୁମ ଗାଁ, ସହର ବା ନଗରର ଜନସଂଖ୍ୟା ବାହାର କର । ଗୋଟିଏ ଦିନରେ ଲୋକମାନଙ୍କ ଦ୍□ାରା ବାହାରୁ ଥିବା ମଇଳାର ହିସାବ ଆକଳନ କର । ସେହି ମଇଳାକୁ କଣ କରାଯାଇ ପାରେ ?
3. ତୁମ ଗାଁ, ସହର ବା ନଗରରେ ନର୍ଦ୍ଦମାର ପଚା ଜଳକୁ **(Sewage)** କଣ କରନ୍ତି ?
4. ଚିକିତ୍ସାଳୟ, ଛୋଟଶିଳ୍ପ ଓ କାରଖାନା ଆଦିରୁ ବାହାରୁ ଥିବା ମଇଳା ବିଶେଷତଃ ବିପଦପୂର୍ଣ୍ଣ । ତୁମ ଅଞ୍ଚଳର ସେହିଭଳି ସ୍ଥାନକୁ ଖୋଜ । ସେମାନଙ୍କର ମଇଳାକୁ କଣ କରାଯାଇ ପାରେ ?

## ଦେଖ ଓ କହ

1. ତୁମ ଅଞ୍ଚଳର ଚତୁଃପାର୍ଶ୍□କୁ ଦେଖ ଓ ମଇଳା ଓ ଦୂଷିତ ଜଳ ପକାଇବାରେ ଅସୁବିଧା ଥିଲେ ତୁମ ଶ୍ରେଣୀରେ କୁହ ।

## ଏକ ପ୍ରଶ୍ନ ପଚାର

ଆମେ ତିଆରି କରୁଥିବା ମଇଳା ଓ ଆମେ ତା ସହିତ କଣ କିରିବା ସେ ବିଷୟରେ ଏକ ପ୍ରଶ୍ନ ପଚାର ।

ତୁମେ ଜାଣ କି

ପୃଥିବୀ ପୃଷ୍ଠରେ ଅନେକ ଗୁଡ଼ିଏ ଜୀବାଣୁ ଅଛନ୍ତି ଯାହା ସମସ୍ତ ସଜୀବଙ୍କ ସଂଖ୍ୟାଠାରୁ ମଧ୍ୟ ଅଧିକ ।

କେତେକ ପ୍ରକାରର ବୀଜାଣୁକୁ ଦହି, ଇଡିଲି, ଢୋକଲା, ବଟୁରା ଓ ରୁଟି ତିଆରିରେ ବ୍ୟବହାର କରାଯାଏ । ସେହି ବୀଜାଣୁ ଗୁଡ଼ିକ ଖାଦ୍ୟରୁ ଶର୍କରାକୁ ଖଣ୍ଡ ଖଣ୍ଡ କରନ୍ତି ଓ ଅଙ୍ଗାରକାମ୍ଳକୁ ଦୂରେଇ ଦିଅନ୍ତି ।